# NATIONAL NEWS BULLETIN (ODIA)

## 29 August - 2025

### Morning Bulletin : 7.15 A.M.

***********************************************

## ମୁଖ୍ୟ ସମ୍ବାଦ

- ଚାରିଦିନିଆ ଜାପାନ୍ ଓ ଚୀନ୍ ଗସ୍ତରେ ଯାଇ ଆଜି ସକାଳେ ଟୋକିଓରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

– ଏହି ଗସ୍ତ' ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ଶାନ୍ତି, ସୁରକ୍ଷା ଓ ନିରନ୍ତର ବିକାଶର ଅଗ୍ରଗତିରେ ସହାୟକ ହେବ ବୋଲି କହିଲେ ଶ୍ରୀ ମୋଦୀ ।

- ଭୁବନେଶ୍ୱରଠାରେ ଆଜିଠାରୁ ଆରମ୍ଭ ହେବାକୁ ଥିବା ଦୁଇଦିନିଆ ଅନୁସୂଚିତ ଜାତି ଏବଂ ଜନଜାତି ସଂସଦୀୟ କମିଟିର ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିବେ ଲୋକସଭା ବାଚସ୍ପତି ।

- ଜାତୀୟ କ୍ରୀଡ଼ା ଦିବସ ଅବସରରେ ଆଜି ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀଙ୍କ ନେତୃତ୍ୱରେ ଦେଶବ୍ୟାପି ଆରମ୍ଭ ହେଉଛି ଫିଟ୍ ଇଣ୍ଡିଆ କ୍ରୀଡ଼ା ଅଭିଯାନ ।

ଏବଂ

- ବିହାରର ରାଜଗିରି ଠାରେ' ଦ୍ୱାଦଶ ପୁରୁଷ ଏସିଆ ହକି କପ୍ ୨୦୨୫ର ଆଜି ହେବ ଶୁଭାରମ୍ଭ ।

# ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଟୋକିଓ ଠାରେ ପଞ୍ଚଦଶ ଭାରତ-ଜାପାନ୍ ବାର୍ଷିକ ସମ୍ମିଳନୀରେ ଯୋଗଦେବେ । ଏଥିଲାଗି ଏକ ଦୁଇଦିନିଆ ଜାପାନ୍ ଗସ୍ତରେ ଯାଇ ଆଜି ସକାଳେ ସେ ଟୋକିଓଠାରେ ପହଞ୍ଚିଛନ୍ତି । ଜାପାନ୍ ପ୍ରଧାନମନ୍ତ୍ରୀ ସିଗେରୁ ଇସିବାଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ମୋଦୀ ଏହି ଗସ୍ତ କରିଛନ୍ତି । ଆଜିର ସମ୍ମିଳନୀରେ ଗତ ୧୧ ବର୍ଷ ମଧ୍ୟରେ ନିରନ୍ତର ଅଭିବୃଦ୍ଧି ହାସଲ କରିଥିବା ଭାରତ-ଜାପାନ ସ୍ୱତନ୍ତ୍ର ରଣନୈତିକ ଏବଂ ବିଶ୍ୱ ଭାଗିଦାରୀକୁ ପରବର୍ତ୍ତୀ ପର୍ଯ୍ୟାୟକୁ ନେବା ଏବଂ ବିଭିନ୍ନ କ୍ଷେତ୍ରରେ ଥିବା ଦ୍ୱିପକ୍ଷିୟ ସମ୍ପର୍କର ଅଗ୍ରଗତିର ସମୀକ୍ଷା ତଥା ଏହାକୁ ଅଧିକ ସଶକ୍ତ କରିବା ଉପରେ ଉଭୟ ପ୍ରଧାନମନ୍ତ୍ରୀ ଆଲୋଚନା କରିବେ । ଜାପାନ୍ ଗସ୍ତ ଶେଷ କରି ସେପ୍ଟେମ୍ବର ୧ ତାରିଖରୁ ଶ୍ରୀ ମୋଦୀ ଦୁଇ ଦିନିଆ ଚୀନ୍ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି ।

ଗତକାଲି ରାତିରେ ନୂଆଦିଲ୍ଲୀରୁ ପ୍ରସ୍ଥାନ କରିବା ପୂର୍ବରୁ ଏକ ବିବୃତ୍ତି ଦେଇ ଶ୍ରୀ ମୋଦୀ କହିଛନ୍ତି, ତାଙ୍କର ଜାପାନ୍ ଓ ଚୀନ୍ ଗସ୍ତ ଭାରତର ଜାତୀୟ ସ୍ୱାର୍ଥ ଓ ପ୍ରାଥମିକତାକୁ ଗୁରୁତ୍ୱ ଦେବ । ଏତଦ୍‌ବ୍ୟତୀତ ଏହି ଗସ୍ତ ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ଶାନ୍ତି, ସୁରକ୍ଷା ଓ ନିରନ୍ତର ବିକାଶକୁ ଆଗକୁ ବଢ଼ାଇବାରେ ଫଳପ୍ରଦ ସହଯୋଗ ଗଠନ ଦିଗରେ ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଭାରତ-ଜାପାନ ମଧ୍ୟରେ ଅର୍ଥନୈତିକ ଓ ନିବେଶ ସମ୍ପର୍କ ଏବଂ କୃତ୍ରିମ ବୁଦ୍ଧିମତା ଓ ସେମିକଣ୍ଡକ୍ଟର ସମେତ ଆଧୁନିକ ବୈଷୟିକ ଜ୍ଞାନକୌଶଳ ସମ୍ପର୍କିତ ପରିସରକୁ ସମ୍ପ୍ରସାରିତ କରିବା ଦିଗରେ ତାଙ୍କ ଜାପାନ ପ୍ରତିପକ୍ଷଙ୍କ

ସହିତ ସେ ମିଳିତ ଭାବେ ପ୍ରୟାସ କରିବେ ବୋଲି ଶ୍ରୀ ମୋଦୀ କହିଛନ୍ତି । ଏତଦ୍‌ବ୍ୟତୀତ ଦୁଇ ଦେଶର ଲୋକଙ୍କୁ ସଂଯୋଗ କରୁଥିବା ସଭ୍ୟତାଗତ ବନ୍ଧନ ଏବଂ ସାଂସ୍କୃତିକ ସମ୍ପର୍କକୁ ଅଧିକ ସଶକ୍ତ କରିବାର ସୁଯୋଗ ଏହି ଗସ୍ତ ମାଧ୍ୟମରେ ପ୍ରାପ୍ତ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍‌ଙ୍କ ନିମନ୍ତ୍ରଣ କ୍ରମେ ତିଆନ୍‌ଜିନ୍‌ରେ ଅନୁଷ୍ଠିତ ହେବାକୁ ଥିବା ସାଂଘାଇ ସହଯୋଗ ସଂଗଠନ ସମ୍ମିଳନୀରେ ଯୋଗଦେବା ଲାଗି ସେ ଜାପାନ୍‌ରୁ ଚୀନ୍ ଯାତ୍ରା କରିବେ । ଭାରତ ଏହି ସଂଗଠନର ଏକ ସକ୍ରିୟ ତଥା ଗଠନମୂଳକ ସଦସ୍ୟ ଭାବେ କାର୍ଯ୍ୟ କରି ଆସୁଛି । ଏହି ସଂଗଠନର ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହିତ ମିଳିତ ଭାବେ ଆଞ୍ଚଳିକ ସହଯୋଗକୁ ଅଧିକ ସଶକ୍ତ କରିବା ଏବଂ ବିଭିନ୍ନ ଆହ୍ୱାନର ମୁକାବିଲା କରିବା ଦିଗରେ ଭାରତ ପ୍ରତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏତଦ୍‌ବ୍ୟତୀତ ଏହି ସମ୍ମିଳନୀ ଅବସରରେ ଶ୍ରୀ ମୋଦୀ ରାଷ୍ଟ୍ରପତି ଶ୍ରୀ ଜିନ୍‌ପିଙ୍ଗ୍ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍‌ଙ୍କ ସମେତ ଅନ୍ୟାନ୍ୟ ନେତୃବୃନ୍ଦଙ୍କ ସହିତ ଆଲୋଚନା କରିବେ ବୋଲି ସୂଚନା ଦେଇଛନ୍ତି ।

## ଅଧ୍ୟକ୍ଷ ଜାତୀୟ ସମ୍ମିଳନୀ

ଭୁବନେଶ୍ୱରଠାରେ ଆଜିଠାରୁ ଦୁଇଦିନିଆ ଅନୁସୂଚିତ ଜାତି ଏବଂ ଜନଜାତି ସଂସଦୀୟ କମିଟିର ଜାତୀୟ ସମ୍ମିଳନୀ ଆରମ୍ଭ ହେବ । ପ୍ରଥମଥର ପାଇଁ ଏହି ସମ୍ମିଳନୀ ଦିଲ୍ଲୀ ବାହାରେ ଆୟୋଜିତ ହେବାକୁ ଯାଉଛି । ଲୋକସଭା ବାଚସ୍ପତି ଓମ୍ ବିର୍ଲା ସମ୍ମିଳନୀକୁ ଉଦ୍‌ଘାଟନ କରିବାର

କାର୍ଯ୍ୟସୂଚୀ ରହିଛି । ଶ୍ରୀ ବିର୍ଲା ଏହି ଅବସରରେ ଏକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ସ୍ମରଣିକାକୁ ମଧ୍ୟ ଉନ୍ମୋଚନ କରିବେ । ଏହି ସମାରୋହରେ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହ, କେନ୍ଦ୍ର ମନ୍ତ୍ରୀ ଜୁଏଲ୍ ଓରାମ୍ ଓ ଧର୍ମେନ୍ଦ୍ର ପ୍ରଧାନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବହୁ ମାନ୍ୟଗନ୍ୟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

ସମ୍ମିଳନୀରେ ସଂସଦ ଏବଂ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭା ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସମିତିର ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ ସମେତ ୨୪୦ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିବେ । 'ଅନୁସୂଚିତ ଜାତି ଏବଂ ଜନଜାତିଙ୍କ କଲ୍ୟାଣ, ବିକାଶ ଓ ସଶକ୍ତିକୀରଣରେ ସଂସଦୀୟ ଏବଂ ବିଧାନସଭା ସମିତିଗୁଡ଼ିକର ଭୂମିକା' ପ୍ରସଙ୍ଗ ଆଧାରରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ ।

## ନ୍ୟାସନାଲ୍ ସ୍ପୋର୍ଟସ୍ ଡେ

ଜାତୀୟ କ୍ରୀଡ଼ା ଦିବସ ଆଜି ଦେଶବ୍ୟାପି ପାଳନ କରାଯାଉଛି । ମହାନ ହକି ଖେଳାଳି ମେଜର ଧ୍ୟାନ୍‌ଚାନ୍ଦଙ୍କ ଜନ୍ମ ବାର୍ଷିକୀକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୨୯ ତାରିଖକୁ ଜାତୀୟ କ୍ରୀଡ଼ା ଦିବସ ରୂପେ ପାଳନ କରାଯାଇଥାଏ । ଚଳିତ ବର୍ଷର ବାର୍ତ୍ତା ରହିଛି 'ଶାନ୍ତିପୂର୍ଣ୍ଣ ଏବଂ ସମାବେଶୀ ସମାଜକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ କ୍ରୀଡ଼ା' । ସମାଜର ବିଭିନ୍ନ ଅଞ୍ଚଳ, ଧର୍ମ ତଥା ବର୍ଗର ଜନସାଧାରଣ ଏବଂ ଖେଳାଳିଙ୍କ ମଧ୍ୟରେ

ସମସ୍ତ ବାଧାବିଘ୍ନ ଦୂର କରି କ୍ରୀଡ଼ାର ଉନ୍ନତି ଦିଗରେ ମିଳିତ ଭାବେ ପ୍ରୟାସ କରିବା' ଏହି ବାର୍ତ୍ତାରୁ ପ୍ରତିଫଳିତ ହେଉଛି ।

ଏହି ଅବସରରେ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଆଜିଠାରୁ ଦେଶବ୍ୟାପି ହେବାକୁ ଥିବା ଫିଟ୍ ଇଣ୍ଡିଆ କ୍ରୀଡ଼ା ଅଭିଯାନର ନେତୃତ୍ୱ ନେବେ । ମହାନ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ସମ୍ମାନାର୍ଥେ ଆୟୋଜିତ ହେବାକୁ ଥିବା ଏହି ଅଭିଯାନ ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ତିନି ଦିନିଆ କ୍ରୀଡ଼ା ଓ ଫିଟ୍‌ନେସ୍ ଅଭିଯାନର ବିଷୟବସ୍ତୁ ରହିଛି 'ଏକ୍ ଘଣ୍ଟା – ଖେଲ୍‌କେ ମଇଦାନ୍ ମେଁ' । ପ୍ରତ୍ୟହ ଅନ୍ତତଃ ଏକ ଘଣ୍ଟା ବିଭିନ୍ନ ଶାରିରୀକ ବ୍ୟାମ୍ ଏବଂ ଘର ବାହାରେ ବିଭିନ୍ନ ଖେଳରେ ଭାଗ ନେବା ଲାଗି ଏହି ବିଷୟବସ୍ତୁ ଜନସାଧାରଣଙ୍କୁ ପ୍ରୋତ୍ସାହିତ କରିବ । ଏହି ଅଭିଯାନରେ ଦେଶବ୍ୟାପି ବହୁ ଖ୍ୟାତନାମା କ୍ରୀଡ଼ାବିତ୍ ତଥା ଜନପ୍ରତିନିଧି ଯୋଗଦେବେ ବୋଲି କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## କପା

କପା ଉପରୁ ଆମଦାନୀ ଶୁଳ୍କ ଛାଡ଼ ସମୟସୀମା ସରକାର ଆସନ୍ତା ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ପୂର୍ବରୁ ଗତ ୧୯ ତାରିଖରୁ ଆସନ୍ତା ମାସ ୩୦ ତାରିଖ ପର୍ଯ୍ୟନ୍ତ ଆମଦାନୀ ଶୁଳ୍କ ଛାଡ଼ ନେଇ ସରକାର ଘୋଷଣା କରିଥିଲେ । ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି, ଭାରତୀୟ ବୟନ କ୍ଷେତ୍ରରେ କପାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି ।

# ହକି-ଏସିଆକପ୍

ଦ୍ୱାଦଶ ପୁରୁଷ ଏସିଆ ହକି କପ୍ ୨୦୨୫ ଆଜି ଜାତୀୟ କ୍ରୀଡ଼ା ଦିବସ ଅବସରରେ ବିହାରର ରାଜଗିରି ଠାରେ ଆରମ୍ଭ ହେଉଛି । ଏହି ଟୁର୍ଣ୍ଣାମେଣ୍ଟରେ ଭାରତ, ଜାପାନ, ଚୀନ୍, କାଜାଖସ୍ତାନ, ମାଲେସିଆ, କୋରିଆ, ବାଂଲାଦେଶ ଓ ଚାଇନିଜ୍ ତାଇପେଇ ଭଳି ୮ଟି ଏସୀୟ ରାଷ୍ଟ୍ର ଭାଗ ନେବେ । ଏହି ଟୁର୍ଣ୍ଣାମେଣ୍ଟରେ ସଫଳତାକୁ ଭିତ୍ତିକରି ୨୦୨୬ ଏଫ୍.ଆଇ.ଏଚ୍. ହକି ୱାର୍ଲ୍ଡକପ୍‌ରେ ଦଳ ଗୁଡ଼ିକ ଭାଗ ନେବେ । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ୍ ୨୪ଟି ମ୍ୟାଚ୍ ଖେଳାଯିବାକୁ ଥିବା ବେଳେ ଆସନ୍ତା ମାସ ୭ ତାରିଖ ଦିନ ଫାଇନାଲ୍ ମ୍ୟାଚ୍ ଖେଳାଯିବ । ଆୟୋଜକ ଭାରତ ପୁଲ୍-ଏ ରେ ଜାପାନ୍, ଚୀନ୍ ଓ କାଜାଖସ୍ତାନ ସହିତ ସ୍ଥାନ ପାଇଛି । ଆଜି ଭାରତ ତାର ପ୍ରଥମ ମ୍ୟାଚ୍ ଚୀନ୍ ବିରୁଦ୍ଧରେ ଖେଳିବ ।

ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଥିବା ଏସିଆର ସମସ୍ତ ଖେଳାଳି, ଦଳ ତଥା ସମର୍ଥକମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ଲକ୍ଷ ଲକ୍ଷ ଭାରତୀୟ ତଥା ଏସୀୟବାସୀଙ୍କ ହୃଦୟରେ ହକିର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଏହି ଟୁର୍ଣ୍ଣାମେଣ୍ଟରେ ଅନେକ ରୋମାଞ୍ଚକର ମ୍ୟାଚ୍ ଖେଳାଯିବା ସହିତ ଖେଳାଳିମାନଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଜନସାଧାରଣ ଅବଗତ ହୋଇପାରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ଏହି ଟୁର୍ଣ୍ଣାମେଣ୍ଟର ସ୍ମୃତିଭରା ମୁହୂର୍ତ୍ତ ଗୁଡ଼ିକ ଆଗାମୀ ପିଢ଼ିର କ୍ରୀଡ଼ାପ୍ରେମୀମାନଙ୍କୁ ମଧ୍ୟ ଉତ୍ସାହିତ କରିବ ବୋଲି ଶ୍ରୀ ମୋଦୀ କହିଛନ୍ତି । ବିହାର ନିକଟରେ ଖେଲୋ ଇଣ୍ଡିଆ

ଯୁବ କ୍ରୀଡ଼ା ପ୍ରତିଯୋଗିତା ୨୦୨୫, ୨୦ ବର୍ଷରୁ କମ୍ ଏସିଆ ରଗ୍‌ବି ସେଭେନ୍ସ ଚାମ୍ପିୟନ୍‌ସିପ୍ ୨୦୨୫ ସଫଳତାର ସହ ଆୟୋଜନ କରିଥିବା ବେଳେ ବର୍ତ୍ତମାନ ଏହି ଟୁର୍ଣ୍ଣାମେଣ୍ଟର ମଧ୍ୟ ଆୟୋଜକ ଥିବାରୁ ଏହି ରାଜ୍ୟଏକ ଚଳଚଞ୍ଚଳ କ୍ରୀଡ଼ା ହବ୍‌ରେ ପରିଣତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି ।

## ସ୍ପୋର୍ଟସ୍ ରାଉଣ୍ଡଅପ୍

ଆସନ୍ତୁ ଶୁଣିବା ଅନ୍ୟାନ୍ୟ କ୍ରୀଡ଼ା ପ୍ରତିଯୋଗୀତା ସମ୍ପର୍କୀତ କିଛି ଖବର.....

## ବ୍ୟାଡ୍‌ମିଣ୍ଟନ୍

ପ୍ୟାରିସ୍‌ରେ ଚାଲିଥିବା ବିଶ୍ୱ ବ୍ୟାଡ୍‌ମିଣ୍ଟନ୍ ଚାମ୍ପିୟନ୍‌ସିପ୍‌ର ପୁରୁଷ ଡବଲ୍ସ ବର୍ଗ, ମିକ୍ସଡ୍ ଡବଲ୍ସ ବର୍ଗ ଏବଂ ମହିଳା ସିଙ୍ଗଲ୍ସ ବର୍ଗରେ ଭାରତୀୟ ଖେଳାଳି କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି । ପୁରୁଷ ବର୍ଗରେ ସାତ୍ୱିକ୍ ସାଇରାଜ୍ ରାଙ୍କି ରେଡ୍ଡୀ ଓ ଚିରାଗ୍ ସେଟୀଙ୍କ ଯୋଡ଼ି ଚୀନ୍‌ର ଅଲିମ୍ପିକ୍ସ ରୌପ୍ୟ ପଦକ ବିଜେତା ଲିଆଙ୍ଗ୍ ଓ୍ୱିକେନ୍ ଓ ଓ୍ୱାଙ୍ଗ୍ ଚାଙ୍ଗ୍‌ଙ୍କ ଯୋଡ଼ିକୁ ପରାସ୍ତ କରିଛନ୍ତି । ମିକ୍ସଡ୍ ଡବଲ୍ସ ବର୍ଗରେ ଧ୍ରୁବ କପିଳ ଏବଂ ତାନିଶା କ୍ରାଷ୍ଟୋଙ୍କ ଯୋଡ଼ି ତାଙ୍କ ପ୍ରତିପକ୍ଷ ତାଙ୍ଗ୍ ଚୁନ୍ ମାନ୍ ଓ ସେ ୟିଙ୍ଗ୍ ସ୍ୱେତ୍‌ଙ୍କୁ ପରାସ୍ତ

କରିଥିବା ବେଳେ ମହିଳା ସିଙ୍ଗଲ୍ସ ବର୍ଗରେ ପି.ଭି. ସିନ୍ଧୁ ଚୀନ୍‌ର ବିଶ୍ୱର ଦୁଇ ନମ୍ବର ଖେଳାଳି ଚୀନ୍‌ର ୱାଙ୍ଗ୍ ଝିଙ୍କ ବିପକ୍ଷରେ ବିଜୟୀ ହୋଇଛନ୍ତି ।

## ସୁଟିଂ

କାଜାଖସ୍ତାନର ସିମ୍‌କେଣ୍ଟ ଠାରେ ଚାଲିଥିବା ଷୋଡ଼ଶ ଏସୀୟ ସୁଟିଂ ପ୍ରତିଯୋଗିତାରେ ପୁରୁଷ ୨୫ ମିଟର ଷ୍ଟାଣ୍ଡାର୍ଡ୍ ପିସ୍ତଲ ବର୍ଗର ଉଭୟ ବ୍ୟକ୍ତିଗତ ଏବଂ ଦଳଗତ ପର୍ଯ୍ୟାୟରେ ଭାରତ ସ୍ୱର୍ଣ୍ଣ ପଦକ ହାସଲ କରିଛି । ବ୍ୟକ୍ତିଗତ ଭାବେ ଗୁରୁପ୍ରୀତ ସିଂହ ପ୍ରଥମଥର ପାଇଁ ଆନ୍ତର୍ଜାତିକ ସ୍ତରରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ଅମନପ୍ରୀତ ସିଂହ ରୌପ୍ୟ ପଦକ ପାଇଛନ୍ତି । ଏହି ବର୍ଗରେ ଗୁରୁପ୍ରୀତ, ଅମନପ୍ରୀତ ଓ ହର୍ଷ ଗୁପ୍ତା ଦଳଗତ ଭାବେ ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଗତକାଲି ସମାପ୍ତ ହୋଇଥିବା ଏହି ଚାମ୍ପିୟନ୍‌ସିପ୍‌ରେ ଭାରତ ୪୪ଟି ସ୍ୱର୍ଣ୍ଣ, ୨୦ଟି ରୌପ୍ୟ ଓ ୧୮ଟି ବ୍ରୋଞ୍ଜ ପଦକ ସମେତ ମୋଟ୍ ୮୨ଟି ପଦକ ହାସଲ କରିଛି ।

## ରେସଲିଂ

ଅହମ୍ମଦାବାଦରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତଳନ ଚାମ୍ପିନ୍‌ସିପ୍‌ରେ ଅଜୟବାବୁ ଭାଲୁରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ପୁରୁଷ ୭୯ କିଲୋଗ୍ରାମ ବର୍ଗରେ ଅଜୟ ବାବୁ ମୋଟ୍ ୩୩୫ କିଲୋଗ୍ରାମ ଓଜନ ଉତ୍ତୋଳନ କରି ଏହି ପଦକ ହାସଲ କରିଛନ୍ତି । ଏଥିସହିତ ଆଗାମୀ ବର୍ଷ

ଗ୍ଲାସ୍‌ଗୋରେ ହେବାକୁ ଥିବା ରାଷ୍ଟ୍ରଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତା ପାଇଁ ସେ ଯୋଗ୍ୟତା ଅର୍ଜନ କରିଛନ୍ତି । ମହିଳା ୬୯ କିଲୋଗ୍ରାମ ବର୍ଗରେ ହରଜିନ୍ଦର କାଓଲ ବ୍ରୋଞ୍ଜ ପଦକ ପାଇଛନ୍ତି । ପୂର୍ବରୁ ୨୦୨୦ ଟୋକିଓ ରୌପ୍ୟ ପଦକ ବିଜେତା ମୀରା ବାଇ ଚାନୁ ମହିଳା ୪୮ କିଲୋଗ୍ରାମ ବର୍ଗରେ ସ୍ୱର୍ଣ୍ଣ ପଦକ ପାଇ ଭାରତର ବିଜୟ ଅଭିଯାନ ଆରମ୍ଭ କରିଥିଲେ ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ମଳୟ ରଞ୍ଜନ ମିଶ୍ର ।